

୨୧ ବର୍ଷ ● ୮ମ ସଂଖ୍ୟା ● ଫେବୃଆରୀ ୨୦୨୧


| | | |
|---|---|---|
| ରିପୋର୍ଟ | : | ‘କାଦମ୍ବିନୀ’ର ନୂଆବର୍ଷ ବନ୍ଧୁ ମିଳନ ଉତ୍ସବ |
| ବିଶେଷ ପ୍ରସଙ୍ଗ | : | ପଶ୍ଚିମାକାଶରେ ଉଜ୍ଜ୍ୱଳ ଭାରତୀୟ ତାରାପୁଞ୍ଜ |
| | : | ପ୍ରେମ: କେବେ ଗୋଲାପ, କେବେ କଣ୍ଟା |
| ବିବିଧ ପ୍ରସଙ୍ଗ | : | ନିଆରା ସରସ୍ୱତୀ ଉତ୍ସବ |
| | : | ବନ୍ଧୁତା ନା ପ୍ରେମ |
| ସାହିତ୍ୟ | : | ୫ଟି ମନୋଜ୍ଞ ଗଳ୍ପ, ୪ଟି କବିତା |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ। |


## ବାତାୟନ:
### ଇତି ସାମନ୍ତ

ମଣିଷ ମରଣଶୀଳ। ଜନ୍ମ ସହିତ ମୃତ୍ୟୁକୁ ସଙ୍ଗରେ ନେଇ ଆସିଥାଏ ସେ। କାହା ପାଇଁ ଜନ୍ମ ଆଉ ମୃତ୍ୟୁ ମଧ୍ୟରେ ସମୟ କାଳ ଦୀର୍ଘ ହୋଇଥାଏ ତ ଆଉ କାହା ପାଇଁ କମ୍। ମଣିଷଙ୍କ ମଧ୍ୟରେ ଥା’ନ୍ତି ବିଭିନ୍ନ ପ୍ରତିଭାଧାରୀ। ସେହି ପ୍ରତିଭାଧାରୀଙ୍କ ମଧ୍ୟରୁ କେହି ଦୀର୍ଘ ସମୟ ପାଇଁ ପୃଥିବୀ ପୃଷ୍ଠରେ ରହିଥାନ୍ତି, ପୁଣି କେହି  ରହିଥାନ୍ତି ଖୁବ୍ କମ୍ ସମୟ ପାଇଁ। ତେବେ ଯେତେ କମ୍ ସମୟ ପାଇଁ ରହିଲେ ମଧ୍ୟ ପ୍ରତିଭାଧାରୀ ତାଙ୍କ ପ୍ରତିଭାର ଛାପ ପୃଥିବୀ ପୃଷ୍ଠରେ ଛାଡ଼ିଥାନ୍ତି। ସେମାନେ ତାଙ୍କର ସ୍ୱକୀୟ ଗୁଣାବଳୀ ଏବଂ ସ୍ୱକୀୟ କାର୍ଯ୍ୟଶୈଳୀ ଦ୍ୱାରା ଏଭଳି ଛାପ ଛାଡ଼ିଥାନ୍ତି, ଯେ ତାହା କାଳକାଳ ପାଇଁ ତାଙ୍କୁ ଅମର କରି ରଖିଥାଏ। ସେହିଭଳି ଜଣେ ପ୍ରତିଭାଧାରୀଙ୍କ ବିଷୟରେ ଆଲୋଚନା ଏଥର। ଆଉ ସେ ଆଲୋଚନା ଜଣେ ନାରୀ ଚିତ୍ରଶିଳ୍ପୀଙ୍କ ଜୀବନ ଯାତ୍ରାକୁ ନେଇ।

## ରିପୋର୍ଟ: ‘କାଦମ୍ବିନୀ’ର ନୂଆବର୍ଷ ବନ୍ଧୁ ମିଳନ ଉତ୍ସବ

୩ ଜାନୁଆରୀ ୨୦୨୧ରେ ଭୁବନେଶ୍ୱରସ୍ଥ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ‘କାଦମ୍ବିନୀ ନୂଆବର୍ଷ ବନ୍ଧୁ ମିଳନ’ ଉତ୍ସବ। ସୀମିତ ଉପସ୍ଥାନ ମଧ୍ୟରେ ଅନୁଷ୍ଠିତ ଏହି ଉତ୍ସବ କରୋନା ମହାମାରୀଜନିତ ସାରସ୍ୱତ ଜଗତର ସାମୟିକ ଅନିଶ୍ଚିତତାକୁ ଦୂରକରି ଏକ ଆଶାର ଆଲୋକ ସୃଷ୍ଟି କରିଛି। ଏ ସମ୍ପର୍କିତ ଏକ ରିପୋର୍ଟ।

## ବିଶେଷ ପ୍ରସଙ୍ଗ: ପଶ୍ଚିମାକାଶରେ ଉଜ୍ଜ୍ୱଳ ଭାରତୀୟ ତାରାପୁଞ୍ଜ

ଯୁକ୍ତରାଷ୍ଟ୍ର ଆମେରିକାର ନୂତନ ରାଷ୍ଟ୍ରପତି ଜୋ ବାଇଡ଼େନ୍ ଓ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ପ୍ରଶାସନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସ୍ଥାନ ପାଇଛନ୍ତି ବିଂଶାଧିକ ଭାରତୀୟ ବଂଶୋଦ୍ଭବ। ନିଜେ ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ଭାରତୀୟ-ଆମେରିକୀୟ। ଆମେରିକା ଭଳି ବିଶ୍ୱର ସର୍ବଶକ୍ତିମାନ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଶାସନରେ ଏକ ସମୟରେ ଏତେଜଣ ଭାରତୀୟ ବଂଶୋଦ୍ଭବ ସ୍ଥାନ ପାଇବା ସୁଖର କଥା। ଏ ସମ୍ପର୍କରେ ‘କାଦମ୍ବିନୀ’ର ଏକ ବିଶେଷ ଆଲେଖ। ପରିକଳ୍ପନା: **ଇତି ସାମନ୍ତ**, ପ୍ରସ୍ତୁତି: **ଅମିତାଭ ଖୁଣ୍ଟିଆ**

## ବିଶେଷ ପ୍ରସଙ୍ଗ: ପ୍ରେମ: କେବେ ଗୋଲାପ, କେବେ କଣ୍ଟା

ପ୍ରେମ ଯଦି ଗୋଲାପ ହୁଏ, ତା’ ଡେଙ୍ଗରେ ରାଗରୁଷା, ପ୍ରତାରଣା କଣ୍ଟା ରହିବ ଇ ରହିବ। ପ୍ରେମ ଯଦି ଅସରନ୍ତି ପଥ ହୁଏ, ସେ ପଥରେ ମାନ ଅଭିମାନ, ଛଳନା ପ୍ରତାରଣା ରୂପକ ଖାଲଢିପ ଆସିବ ଇ ଆସିବ। ପ୍ରେମ ଯଦି ଅମୃତ ହୁଏ, ତେବେ ତାକୁ ପାଇବାକୁ ଦୁଃଖ ବିରହର ବିଷ ପିଇବାକୁ ପଡ଼ିବ ଇ ପଡ଼ିବ।  ଏଇ ଦୁଃଖ ବିଷକୁ ଯିଏ ପିଇ ପାରିଲା, ସେ ହିଁ ପାଇ ପାରିବ ହୁଏତ ପ୍ରେମ ଅମୃତ। କେଉଁ କେଉଁ କଥାପ୍ରତି ସଚେତନ ରହିଲେ ପ୍ରେମରେ ଆସିବନି ତିକ୍ତତା? ପ୍ରତାରିତ ହେବା ପରେ କିଭଳି ଭାବରେ ଅସଜଡ଼ା ଜୀବନକୁ ସଜାଡ଼ି ନେଇ ହେବ? ଏଇସବୁ କଥା ପଛର କାହାଣୀକୁ ନେଇ ‘କାଦମ୍ବିନୀ’ର ଏଇ ଉପସ୍ଥାପନା। ଉପସ୍ଥାପନା: **ଅଶୋକ ରାଉତ**

## ବିବିଧ ପ୍ରସଙ୍ଗ: ନିଆରା ସରସ୍ୱତୀ ଉତ୍ସବ
### ଲେଖକ: ନମିତା ପ୍ରଧାନ

ଭଞ୍ଜଭୂମି ମୟୂରଭଞ୍ଜର କଳା, ସାହିତ୍ୟ, ସଂସ୍କୃତି ଓ ଅରଣ୍ୟ ସମ୍ପଦ ବହୁ ବୈଚିତ୍ର୍ୟରେ ବର୍ଣ୍ଣିଳ। ଏହି ଜିଲ୍ଲାର ଆଧ୍ୟାତ୍ମିକ ପରିବେଶ ଲୋକଙ୍କ ମନରେ ସୃଷ୍ଟିକରେ ତ୍ୟାଗ ଓ ଆତ୍ମୀୟତାର ଭାବବନ୍ଧନ। ଜିଲ୍ଲାର ଚାରୋଟି ଉପଖଣ୍ଡରେ ବସବାସ କରୁଥିବା ଜନସାଧାରଣ ଦେବୀଙ୍କ ପ୍ରତି ପ୍ରକାଶ କରିଥାନ୍ତି ଗଭୀର ଅନୁରକ୍ତି। ବାରିପଦାର ମା’ ଅମ୍ବିକା, କରଞ୍ଜିଆ ନିକଟସ୍ଥ ଖିଚିଂର ମା’ କିଚକେଶ୍ୱରୀ, ରାଇରଙ୍ଗପୁରର ମା’ କୁଚେଇବୁଢ଼ୀ ଓ ଉଦଳାର ମା’ ବାଗ୍‌ଦେବୀ ସରସ୍ୱତୀଙ୍କ ପ୍ରତି ଏଠାକାର ଜନସାଧାରଣଙ୍କର ରହିଛି ଗଭୀର ଭକ୍ତି ଓ ଅନୁରକ୍ତି। ଏହି ଦେବୀମାନଙ୍କର ଅବଦାନ ଓଡ଼ିଶାର ଆଧ୍ୟାତ୍ମିକ ଜଗତରେ ସୃଷ୍ଟିକରିଛି ଗଭୀର ସ୍ପନ୍ଦନ ଓ ଜାଳିଛି ଅନୁରକ୍ତିର ଦୀପାଳି।

## ବିବିଧ ପ୍ରସଙ୍ଗ: ବନ୍ଧୁତା ନା' ପ୍ରେମ

ପ୍ରେମ- କେତେବେଳେ, କେଉଁଠି, କାହା ସହିତ ହୋଇଯିବ ସେକଥା କେହି ବି କହିପାରିବେନି। କାହାକୁ, କେଉଁଭଳି ପରିସ୍ଥିତିରେ ହୃଦୟ ଭଲପାଇ ବସେ, ସେକଥା ବି ଜାଣିହୁଏନି। ତେଣୁ ବନ୍ଧୁ ବା ବାନ୍ଧବୀ ଭାବରେ ଆପଣ ଯାହାଙ୍କ ସହ ମିଶୁଛନ୍ତି, ତାଙ୍କ ସହ ଆପଣଙ୍କର ସଂପର୍କ କେବଳ ବନ୍ଧୁତାରେ ସୀମିତ ରହିଛି ନା ଆଉ କିଛି ଅଛି ସେକଥା ଜାଣିବା ପାଇଁ ଏହି ଉପସ୍ଥାପନା।

## ବିବିଧ ପ୍ରସଙ୍ଗ: ପ୍ରେମରେ ପଡ଼ିଛନ୍ତି ?

ପ୍ରେମରେ ପଡ଼ିଲେ କାହିଁ ଏମିତି ହୁଏ - ଭଲ କି ମନ୍ଦ କିଛି ବୁଝି ନ ହୁଏ। ସତରେ ପ୍ରେମ ଗୋଟେ ସେମିତିକା ଜିନିଷ ଯେଉଁଥିରେ ଭଲ କି ମନ୍ଦ କିଛି ବୁଝିବା ବେଶ୍ କଷ୍ଟ। ସେଥିପାଇଁ ବୋଧହୁଏ ପ୍ରେମକୁ ଅନ୍ଧ କୁହାଯାଏ। ଏକଥା କେତେ ଠିକ୍, କେତେ ଭୁଲ୍ ତାହା ଅନୁଭବୀ ହିଁ କହିପାରିବ। କୁହାଯାଏ, ପ୍ରେମରେ ପଡ଼ିଲେ ଏମିତି କିଛି ପରିବର୍ତ୍ତନ ଘଟେ ଯାହା ଅନ୍ୟମାନଙ୍କ ଆଖିରେ ଧରାପଡ଼ିଯାଏ। ସେହି ଧରାପଡ଼ିବାର ଗୁଣସବୁ କ'ଣ ? ପ୍ରେମରେ ପଡ଼ିଥିବା ଲୋକଠାରେ କ'ଣ ସବୁ ଲକ୍ଷଣ ପ୍ରକାଶ ପାଏ ? ତାହା ରହିଛି ଏହି ଉପସ୍ଥାପନାରେ।

## ସ୍ୱାସ୍ଥ୍ୟ : କଳାମୋତିଆ

## ଲେଖକ : ଡା. ବାଳକୃଷ୍ଣ ସାମନ୍ତରାୟ

କଳାମୋତିଆ ବା ଗ୍ଲୁକୋମା ଏକ ନୀରବ ଘାତକ। ଏହା ଜୀବନ ସାରା ଦୃଷ୍ଟିଶକ୍ତିକୁ ନଷ୍ଟ କରିଚାଲିଥାଏ। ବ୍ୟକ୍ତିଠାରେ ଏହି ରୋଗର ନିରୂପଣ ମାନସିକ ଚାପ ସୃଷ୍ଟି କରିଥାଏ। ଏହାର ପ୍ରଭାବ, ଚିକିତ୍ସାର ବ୍ୟୟ ବହୁଳତା ଏବଂ କେତେକ କ୍ଷେତ୍ରରେ ଚିକିତ୍ସା ସତ୍ତ୍ୱେ ଦୃଷ୍ଟିଶକ୍ତିର ଅବନତି ରୋଗୀ ଉପରେ ମାନସିକ, ଆର୍ଥିକ ଓ ସାମାଜିକ ବୋଝ ସୃଷ୍ଟି କରିଥାଏ। ଏଥିପାଇଁ ଏହି ରୋଗର ସଚେତନତା ଜରୁରୀ।

## ପ୍ରଚ୍ଛଦଶିଳ୍ପୀ: ସସ୍ମିତା ସାହୁ ଓ ମୈତ୍ରୀ ମୋନାଲି ପ୍ରଧାନ

ଜଣେ ସମ୍ଭାବନାମୟ ଅଭିନେତ୍ରୀ ହେଉଛନ୍ତି ସସ୍ମିତା ସାହୁ। 'କିଏ ହେବ ମୋ ହିରୋଇନ୍' ସିଜିନ୍ ୩ର ବିଜୟିନୀ ସସ୍ମିତା ଚଳଚ୍ଚିତ୍ର 'ହାପି ଲକି'ରେ ଏକ ଅଗ୍ରଣୀ ଅଭିନେତ୍ରୀ ଭୂମିକାରେ ଅଭିନୟ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଉଚ୍ଚଶିକ୍ଷିତା ସସ୍ମିତା ପଦାର୍ଥ ବିଜ୍ଞାନରେ ଏମ୍.ଏସ୍‌ସି ଡିଗ୍ରୀ ହାସଲ କରିଥିବାବେଳେ ଓଡ଼ିଶୀ ନୃତ୍ୟରେ ମଧ ମାଷ୍ଟର୍ସ ଡିଗ୍ରୀ ହାସଲ କରିଛନ୍ତି। ସେହିଭଳି ପାଠପଢ଼ା ଓ ମଡେଲିଂ - ଏହି ଦୁଇଟିକୁ ସାଙ୍ଗରେ ନେଇ ଆଗକୁ ଆଗଉଛନ୍ତି ମଡେଲ୍ ମୈତ୍ରୀ ମୋନାଲି ପ୍ରଧାନ। ପିଲାଦିନରୁ ଫେଶନ୍, ମଡେଲିଂ ପ୍ରତି ତାଙ୍କର ଆଗ୍ରହ। ପରବର୍ତ୍ତୀ ସମୟରେ ସେ ଏଇ ମଡେଲିଂକୁ ନିଜ ଜୀବନର ଏକ ଅଙ୍ଗଭାବେ ଗ୍ରହଣ କରିଛନ୍ତି। 'କାଦମ୍ବିନୀ'ର ଚଳିତ ସଂଖ୍ୟା ପ୍ରଚ୍ଛଦରେ ଆସିବା ଅବସରରେ ତାଙ୍କ ସହ ଅଳ୍ପ ଆଳାପ।

## କାଳଜୟୀ: ବଉଳି: ଗୋଟେ ଗପ, ବୁନ୍ଦେ ଲୁହ

ପେସା ଥିଲା ତାଙ୍କର ଅଧ୍ୟାପନା। ମାତ୍ର ନିଶା ଥିଲା ସାହିତ୍ୟ, ନୃତ୍ୟ, ସଙ୍ଗୀତ, ଅଭିନୟ, ନିର୍ଦ୍ଦେଶନା ଇତ୍ୟାଦି। ସେ ଥିଲେ ବହୁ ପ୍ରତିଭାଧାରୀ। ଅନେକ କ୍ଷେତ୍ରରେ ତାଙ୍କ ପ୍ରତିଭା ପ୍ରଦର୍ଶିତ ହୋଇଛି। ରେଭେନ୍ସାରେ ଅଧ୍ୟୟନ କରୁଥିବା ସମୟରେ ବହୁତ ନାଟକରେ ସେ ନାରୀ ଚରିତ୍ରରେ ଅଭିନୟ କରିଥିଲେ। 'ଭାଇ ଭାଉଜ' ଚଳଚ୍ଚିତ୍ରରେ ମଧ ସେ ଅଭିନୟ କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଓଡ଼ିଶା ସାହିତ୍ୟ-ସଙ୍ଗୀତ-ନାଟକ ଏକାଡେମୀର ପ୍ରଥମ ସଚିବ ଭାବରେ ସେ ଦାୟିତ୍ୱ ତୁଲାଇଥିଲେ। ୨୩ ନଭେମ୍ବର ୧୯୧୪ ମସିହାରେ ଜନ୍ମଗ୍ରହଣ କରିଥିବା ରାଜକିଶୋର, ୧୧ ଅଗଷ୍ଟ ୧୯୯୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ। - **ସମ୍ପାଦିକା**

## କାଳଜୟୀ: ବଉଳି

## ଲେଖକ: ରାଜକିଶୋର ରାୟ

ଭଜନି କୃଷି କରେ, ଗୋଧନ ବଢ଼ାଏ; ଆଉ ସରସୀ କୃଷି ଲକ୍ଷ୍ମୀଙ୍କୁ ଆଦର କରେ, ପୂଜା କରେ ପ୍ରତି ଗୁରୁବାରରେ। ଛୋଟଛୋଟ ପାଦ କେତୋଟି ମୁରୁଜରେ ଆଙ୍କି ଈଶାନ କୋଣରେ ତାହା ସେ ବନ୍ଦାପନା କରେ। ଗରିବର କୁଳ ଭିତରେ ଏକ ଆଡ଼େ ସ୍ୱାମୀ, ଅନ୍ୟଆଡ଼େ ଗୋମାତାର ସେବାରେ ସରସୀର ଅନ୍ତର ପୁଲକିତ ହୁଏ। ତା'ର ନେତ୍ର ସମ୍ପତ୍ତି ଉଜଳା, ପତନୀ, ମଙ୍ଗୁଳୀ, ଆଉ ଜଗନ୍ନାଥ ଓ ବଳଭଦ୍ର ବୋଲି ଦୁଇମୂର୍ତ୍ତି ବଳଦ।

## ଗଳ୍ପ

ଏଥର ଗଳ୍ପ ବିଭାଗରେ ଅଛନ୍ତି: **ଗଙ୍ଗାଧର ବିଶ୍ୱାଳ, ପ୍ରବୋଧ ରାଉତ, ସୌଭାଗିନୀ ପରିଡ଼ା, ସଦାନନ୍ଦ ନାୟକ** ଓ **ପ୍ରଜ୍ଞାପାରମିତା ରଥ।**

## କବିତା

ଏଥର କବିତାରେ ଅଛନ୍ତି: **ପୁଷ୍ପା ଧଳମହାପାତ୍ର, ସୁଶାନ୍ତ କୁମାର ନାୟକ, ପ୍ରବୀର କୁମାର ଦାସ** ଓ **ନନ୍ଦ କିଶୋର ସିଂହ।**

### କାଦମ୍ବିନୀ ପରିକ୍ରମା: ଆଶା, ଆଶ୍ୱାସନାର ମନ୍ତ୍ରଧ୍ୱନି
### ସମୀକ୍ଷା : ବିଜୟ ନାୟକ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ନୂଆବର୍ଷ ସ୍ୱତନ୍ତ୍ର ଜାନୁଆରୀ-୨୦୨୧ ସଂଖ୍ୟାଟି ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଏହି ସଂଖ୍ୟା ସମ୍ପର୍କରେ ଏକ ଆକଳନ।

### ପୁସ୍ତକ ପରିକ୍ରମା:

ଏ ମାସର ପୁସ୍ତକ ପରିକ୍ରମାରେ ଅଛି: ଗାନ୍ଧୀ ମାହାତ୍ମ୍ୟ, ଆର୍ତ୍ତତ୍ରାଣ ଶ୍ରୀଜଗନ୍ନାଥ, ଦେବହୂତି, କସ୍ତୁରୀ, ନେପଥ୍ୟ ନାୟିକା, ଅଭିଶପ୍ତା ଈଶ୍ୱରୀ, ଚନ୍ଦନ ପେଡ଼ି ଏବଂ ମଙ୍ଗଳ ପଥେ।

### ମୋ ପସନ୍ଦ: ଗ୍ରୀନ୍ ମଟର ପୁରୀ
### ଲେଖିକା: ସୋହିନୀ ମିଶ୍ର

ଓଡ଼ିଆ ସଙ୍ଗୀତ ଜଗତର ପ୍ରତିଭାସଂପନ୍ନ କଣ୍ଠଶିଳ୍ପୀ ସୋହିନୀ ମିଶ୍ର। ସେ 'ଥୁକୁଲ', 'ଗପ ହେଲେ ବି ସତ', 'ସୁନ୍ଦରଗଡ଼ର ସଲମାନ ଖାନ୍', 'ହିରୋ ନଂ ୱାନ୍', 'ଅରୁନ୍ଧତୀ', 'ପ୍ରେମ୍ ୱେଡ୍ସ ପ୍ରିୟା', 'ହାଏ ଡାର୍ଲିଂ', 'କଟକ-ଦି ସିଲ୍ଭର୍ ସିଟି', 'ଟାରଗେଟ୍', 'ଟାଇଗର୍' ଭଳି ବହୁ ଓଡ଼ିଆ ଚଳଚ୍ଚିତ୍ର; 'ଚକ୍ଷୁବନ୍ଧନ', 'ସାହାନାଇ', 'ମହାଦେବୀ', 'ସାବିତ୍ରୀ' ଭଳି କେତେକ ଧାରାବାହିକ; କେତୋଟି ହିନ୍ଦୀ ଚଳଚ୍ଚିତ୍ର ତଥା ବିଭିନ୍ନ ବ୍ରାଣ୍ଡ୍ ପାଇଁ ଗୀତ ଗାଇ ନିଜକୁ ଖୁବ୍ ପରିଚିତ କରିପାରିଛନ୍ତି। ଅନନ୍ତ ଚରଣ ମିଶ୍ର ଓ ପ୍ରମିଳା ମିଶ୍ରଙ୍କ ସୁକନ୍ୟା ସୋହିନୀ 'ମୋ ପସନ୍ଦ' ବିଭାଗରେ ପରଷିଛନ୍ତି ତାଙ୍କ ମନପସନ୍ଦର 'ଗ୍ରୀନ୍ ମଟର ପୁରୀ'।

### ଏବଂ ନିୟମିତ ବିଭାଗ:

**'ଇତି ଆପଣଙ୍କର', 'କାଦମ୍ବିନୀ ଖବର', 'ପୁସ୍ତକ ପରିକ୍ରମା', 'ରାଶିଗଣନା' ଓ 'ତିଥି-ବାର-ବେଳା', 'ଘରକରଣା', 'ରୂପଚର୍ଯ୍ୟା'।**

■■■